# ତହସିଲ କାର୍ଯ୍ୟାଳୟ,କନିକା

ଜିଲ୍ଲା-କେନ୍ଦ୍ରାପଡା

## ସର୍ବସାଧାରଣ ଇସ୍ତିହାର

ପତ୍ରାଙ୍କ ନଂ 3018 //ତା ୧୦/୦୭/୨୫ //

ଡି-ରିଜର୍ଭେସନ(De-reservation) କେଶ ନଂ - ୦୧ / ୨୦୨୫-୨୬

ଏତଦ୍ୱାରା ମୌଜା-**ବାଘବୁଦା** ,ଥାନା- ରାଜକନିକା ,ଜିଲ୍ଲା-କେନ୍ଦ୍ରାପଡ଼ାର ସରକାରୀ ଜମି ସମ୍ବନ୍ଧରେ, ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିମ୍ନୋଲ୍ଲେଖିତ ତଫସିଲ ଭୁକ୍ତ ସରକାରୀ ଜମିକୁ **ବାଘବୁଦା ୟୁ.ଜି.ୟୁ.ପି ବିଦ୍ୟାଳୟ, ବାଘବୁଦା** (ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ,ଓଡିଶା ସରକାର) ପକ୍ଷରେ ପଟ୍ଟାକରଣ କରିବା ସହିତ ବିଦ୍ୟାଳୟ ସମ୍ବନ୍ଧୀୟ ଅନ୍ୟାନ୍ୟ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ମଣ୍ଡଳ ଶିକ୍ଷା ଅଧିକାରୀ,ରାଜକନିକା ଆବେଦନ ଦାଖଲ କରିଛନ୍ତି।

ଏହା ପାଇଁ ଉକ୍ତ ସରକାରୀ ଜମିର କିସମ " ଖେଳ ପଡିଆ" କୁ ବାଦ ଦିଆଯାଇ, ଏହାକୁ ଆବାଦ ଯୋଗ୍ୟ ଅନାବାଦି ଖାତା ଅନ୍ତର୍ଭୁକ୍ତ କରାଯାଇ " ପତିତ" କିସମରେ ରେକର୍ଡ ସଂଶୋଧନ କରାଯିବା ପାଇଁ ସ୍ଥିର କରାଯାଇଅଛି।

ଏଣୁ,ଏହି ବାବଦରେ ଯଦି କାହାର କୌଣସି ଆପତ୍ତି କିମ୍ବା ଅଭିଯୋଗ ରହିଥାଏ, ତେବେ ଇସ୍ତାହାର ଜାରିହେବା ତାରିଖରୁ **୩୦ ଦିନ (ତିରିଶ ଦିନ)** ମଧ୍ୟରେ, ଲିଖିତ ଅଭିଯୋଗ ପତ୍ର ସହିତ ସ୍ୱୟଂ ବା ନିଜ ପ୍ରତିନିଧିଙ୍କ ମାଧ୍ୟମରେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ଉପସ୍ଥିତ ହୋଇ ନିଜ ସପକ୍ଷରେ ଆବଶ୍ୟକୀୟ କାଗଜପତ୍ର ଦର୍ଶାଇବାକୁ ହେବ। ଧାର୍ଯ୍ୟ ସମୟସୀମା ପରେ କୌଣସି ଆପତ୍ତି କିମ୍ବା ଅଭିଯୋଗ ଦରଖାସ୍ତ ଗ୍ରହଣ କରାଯିବ ନାହିଁ ।

**ଅଦ୍ୟ ଅଦାଲତର ମୋହରଯୁକ୍ତ ସ୍ୱାକ୍ଷର ବିଧିଯୁକ୍ତ ଦିଆଗଲା ।**

ତହସିଲଦାର, କନିକା ।

## ତଫସିଲ ଜମି

| ମୌଜା | ଥାନା ଓ ଥାନା ନଂ. | ଖାତା ନଂ. | ପ୍ଲଟ ନଂ. | ରକବା | କିସମ | ମନ୍ତବ୍ୟ |
|---|---|---|---|---|---|---|
| **ବାଘବୁଦା** | ରାଜକନିକା ଥାନା ନଂ. -୪୫ | ୨୪୨ (ରକ୍ଷିତ) | ୭୦୩ | ଏ ୨.୭୦ | ଖେଳ ପଡିଆ | ଏହି ସରକାରୀ ଜମିର ସାବକ ଖତିଆନରେ ଜମିଦାରଙ୍କ ନାମ ଓ ଖେୱାଟ ବା ଖତିଆନ ନମ୍ବର:- **"ମାହାଲ କିଲା କନିକା ତଉଜିନ ନଂ ୨୧ ରାଯା ରାଜେନ୍ଦ୍ର ନାରାୟଣ ଭଞ୍ଜ ଦେଓ ଓ.ବି.ର ୧ମ ଭାଗ ଖେ.ନଂ ୧"** ଉଲ୍ଲେଖ ଅଛି । |

ଏହାର ଏକକିତା ନକଲ ତହସିଲ କାର୍ଯ୍ୟାଳୟ, କନିକାଙ୍କ ନୋଟିସ ବୋର୍ଡ/ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ରାଜକନିକାଙ୍କ ନୋଟିସ ବୋର୍ଡ / ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ, କଣ୍ଟପଡାଙ୍କ ନୋଟିସ ବୋର୍ଡ / ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ, ବରାଡିଆଙ୍କ ନୋଟିସ ବୋର୍ଡ /ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ବାଘବୁଦାଙ୍କ ନୋଟିସ ବୋର୍ଡ/ ବାଘବୁଦା ଗ୍ରାମର ଦୃଶ୍ୟମାନ ସ୍ଥାନରେ, ସ୍ଥାନୀୟ ଅନ୍ୟୂନ ଦୁଇ ଜଣ ବ୍ୟକ୍ତିଙ୍କ ଉପସ୍ଥିତିରେ ଇସ୍ତିହାର ଲଟକାଇବା / ଜିଲ୍ଲା ୱେବ ପୋର୍ଟାଲରେ (https://kendrapara.odisha.gov.in) ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶ କରିବା ପାଇଁ ପଠାଗଲା ।

ତହସିଲଦାର, କନିକା ।